**ସଂକ୍ଷେପରେ**

## ଆନ୍ଧ୍ରରେ ଫସି ରହିଛନ୍ତି ୩ ଓଡ଼ିଆ ମହିଳା

ଦିଗପହଣ୍ଡି,୨୧।୨(ଅଶେଷ ନାଥ ମିଶ୍ର): ଆନ୍ଧ୍ରପ୍ରଦେଶର ପଶ୍ଚିମ ଗୋଦାବରୀ ଜିଲା ଅନ୍ତର୍ଗତ ମଙ୍ଗଲତୁରୁ ନିକଟ ଭାରମା ମେରାଇନର ଏକ ଲେଡିଜ ହଷ୍ଟେଲରେ ୩ ଜଣ ଓଡ଼ିଆ ମହିଳା ଫସି ରହିଥିବା ଜଣାପଡିଛି। କମ୍ପାନୀ ପକ୍ଷରୁ ସେମାନଙ୍କୁ ଦୀର୍ଘ ୩ ମାସ ହେଲା ପାରିଶ୍ରମିକ ଦିଆଯାଇ ନ ଥିବା ବେଳେ ଘରକୁ ଫେରିବାକୁ ସୁଯୋଗ ଦିଆଯାଉ ନ ଥିବା ସୂଚନା ମିଳିଛି। ଫସି ରହିଥିବା ମହିଳାମାନେ ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଭ୍ରମରପୁର ଗ୍ରାମର ବୋଲି ଜଣାପଡିଛି। ଜଣେ ମହିଳାଙ୍କ ମା'ଙ୍କର ଦେହ ଖରାପ ରହିଥିବାରୁ ସେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଗୁହାରି କରିଥିଲେ ମଧ୍ୟ ସୁଫଳ ମିଳିବା ପରିବର୍ତ୍ତେ ହତ୍ୟା ଧମକ ସହ ନାନା ନିର୍ଯାତନା ଦିଆଯାଉଥିବା ସେ କାନ୍ଦି କାନ୍ଦି ଫୋନ ଯୋଗେ ଅଭିଯୋଗ କରିଛନ୍ତି। ତେଣୁ ଗଞ୍ଜାମ ଜିଲା ପ୍ରଶାସନ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ସେମାନଙ୍କୁ ଉଦ୍ଧାର କରିବାକୁ ସେମାନେ ନେହୁରା ହୋଇଛନ୍ତି।

## ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ସହାୟତା

ଛତ୍ରପୁର,୨୧।୨(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ ): ଚମାଖଣ୍ଡି ଥାନା ଅନ୍ତର୍ଗତ ନରେନ୍ଦ୍ରପୁର ଷ୍ଟେଶନ ରୋଡ଼ ନିକଟରେ ଗୁରୁବାର ସଡ଼କ ଦୁର୍ଘଟଣାରେ ଅର୍ଜୁନପଲ୍ଲୀ ଗ୍ରାମର ମୁନା ନାହାକଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ଝିଅ ଆହତ ହୋଇଥିଲେ। ଗରିବ, ଦିନ ମଜୁରିଆ ମୁନାଙ୍କ ଅନ୍ତେଷ୍ଟିକ୍ରିୟା ନିମନ୍ତେ ୩୦ ହଜାର ଓ ୧୩ ବର୍ଷର ଝିଅର ଚିକିତ୍ସା ନିମନ୍ତେ ୩୦ ହଜାର ଟଙ୍କା ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ଅନୁରୋଧକ୍ରମେ ରେଡକ୍ରସ ପାଣ୍ଠିରୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପଜିଲ୍ଲାପାଳ ପ୍ରଦାନ କରିଛନ୍ତି। ଗୁରୁବାର ମୁନା ତାଙ୍କ ଝିଅକୁ ବାଇକ୍‌ରେ ବସାଇ ଯାଉଥିବା ବେଳେ ନରେନ୍ଦ୍ରପୁର ଷ୍ଟେସନ ରୋଡ଼ ଠାରେ ଏକ ଟ୍ରକ ଧକ୍କା ଦେଇଥିଲା।

## ମଦ ଜବତ, ଜଣେ ଗିରଫ

ଦିଗପହଣ୍ଡି,୨୧।୨(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମର କେ.ସନ୍ତୋଷ ପାତ୍ରଙ୍କ ଦୋକାନରୁ ପୋଲିସ ବିଭିନ୍ନ ବ୍ରାଣ୍ଡର ୧୦୬ଟି ବିଦେଶୀ ମଦବୋତଲ ଜବତ କରିଥିବା ଜଣାପଡିଛି। ଥାନା ମାମଲା ନଂ.୭୮/୨୫ଅନୁଯାୟୀ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବ ଦିଗପହଣ୍ଡି ଥାନା ଆଇଆଇସି ପ୍ରଶାନ୍ତ ପାତ୍ର କହିଛନ୍ତି। ଗୁରୁବାର ସନ୍ଧ୍ୟାରେ ଥାନା ଏଏସ୍‌ଆଇ ଝୁନୁ ମାଝୀ ସଦଳବଳେ ଭୀଷ୍ମଗିରି ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଗ୍ରାମର ରଥଦାଣ୍ଡ ଛକରେ ଥିବା ସନ୍ତୋଷ ଏକ କେବିନ୍‌ରେ ବିଦେଶୀ ମଦ ବୋତଲ ମହଜୁଦ ରଖି ବେଆଇନ ଭାବେ ବିକ୍ରି କରୁଥିବା ଖବର ପାଇଥିଲେ। ଏଏସ୍‌ଆଇଙ୍କ ନେତୃତ୍ୱରେ ପୋଲିସ ଟିମ୍ ଉକ୍ତ କେବିନ୍ ଉପରେ ଅତର୍କିତ ଚଢାଉ କରି ସାକ୍ଷ୍ୟଙ୍କ ଉପସ୍ଥିତିରେ କେବିନ୍ ଭିତରୁ ୧୧୦ଟି ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ବୋତଲ, ପ୍ଲାଷ୍ଟିକ ଲିଟର ମାପ ସରଞ୍ଜାମ ଏବଂ ଏକ ଫ୍ରିଜ୍‌କୁ ଜବତ କରିବା ସହ ଦୋକାନ ମାଲିକ ସନ୍ତୋଷଙ୍କୁ ଗିରଫ କରି ଥାନାକୁ ଉଠାଇ ଆଣିଥିଲେ।

# ଗଞ୍ଜାମରେ କଳାକାରଙ୍କ ପାରିଶ୍ରମିକ ବୃଦ୍ଧି

- ବ୍ରହ୍ମପୁରଠାରେ ସଂଗ୍ରହାଳୟ, ଆର୍ଟ ଗ୍ୟାଲେରୀ
- ଛାତ୍ରୀଛାତ୍ରଙ୍କୁ ମିଳିବ ଚିତ୍ରକଳା ପ୍ରଶିକ୍ଷଣ

ଛତ୍ରପୁର,୨୧।୨(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ): ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶକ୍ରମେ ନବଗଠିତ ଜିଲା ସଂସ୍କୃତି ପରିଷଦର ସାଧାରଣ ପରିଷଦ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ଦେବଦତ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ଜିଲାର ଲୋକକଳାଗୁଡିକୁ ଦୀର୍ଘଜୀବୀ ରଖିବା ସକାଶେ କଳାକାରମାନଙ୍କୁ ପ୍ରଦାନ କରାଯାଉଥିବା ପାରିଶ୍ରମିକ ବୃଦ୍ଧି କରାଯାଇଛି। ଜିଲାର ଲୋକକଳା, ଲୋକ ସଙ୍ଗୀତ ଓ ଲୋକନୃତ୍ୟ ସମ୍ପର୍କିତ କର୍ମଶାଳାଗୁଡିକୁ ଭଞ୍ଜନଗର, ଛତ୍ରପୁର ଏବଂ ବ୍ରହ୍ମପୁର ଉପଖଣ୍ଡରେ ଆୟୋଜନ କରିବା ସକାଶେ ନିଷ୍ପତ୍ତି ନିଆଯାଇଛି। ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରକଳା ପ୍ରତିଯୋଗିତା ଏବଂ କର୍ମଶାଳା ଆୟୋଜନ କରି ଚିତ୍ରକଳାର ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ପ୍ରଶିକ୍ଷଣ ଦେବା ସକାଶେ ସ୍ଥିର ହୋଇଛି। ଜିଲାର ଲୋକନୃତ୍ୟ, ଲୋକସଙ୍ଗୀତ


ବୈଠକରେ ଉପସ୍ଥିତ ଅତିରିକ୍ତ ଜିଲ୍ଲାପାଳ ଓ ଅନ୍ୟମାନେ।

ଆଦି କ୍ଷେତ୍ରରେ ଯୁବପିଢ଼ିଙ୍କୁ ସାମିଲ କରି ଲୋକକଳାର ବିକାଶ କରିବା ଦିଗରେ ପଦକ୍ଷେପ ଗ୍ରହଣ ସକାଶେ ଉପସ୍ଥିତ ସଭ୍ୟାସଭ୍ୟମାନଙ୍କ ମତ ନେଇଥିଲେ। ଜିଲାସ୍ତରୀୟ ନାଟକ ମହୋତ୍ସବ, ଲୋକକଳା କର୍ମଶାଳା, ଏକକ ଅଭିନୟ, ସଙ୍ଗୀତ ଗାନ, ବକ୍ତୃତା, ଚିତ୍ରକଳା, ଶାସ୍ତ୍ରୀୟ ସଙ୍ଗୀତ ନୃତ୍ୟ କର୍ମଶାଳା ଓ ପ୍ରତିଯୋଗିତା ଆୟୋଜନ କରିବା ସକାଶେ ସ୍ଥିର କରାଯାଇଛି। ଏଥିସହ ଜିଲାର ଲୋକକଳା, ଲୋକ ସଂସ୍କୃତି ଏବଂ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ସମ୍ପର୍କିତ ପୁସ୍ତକ ପ୍ରକାଶନ କରାଯିବ । ଗଞ୍ଜାମ ଜିଲ୍ଲାର ଲୋକକଳା, ସଂସ୍କୃତି, ଭାଷା ସାହିତ୍ୟ ସମ୍ପର୍କିତ ଏକ ୱେବ ପୋର୍ଟାଲ ପ୍ରସ୍ତୁତ କରି ସମସ୍ତ ସୂଚନା ସେଥିରେ ଉପଲବ୍ଧ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥିର କରାଯାଇଥିଲା। ଜିଲା ସଂସ୍କୃତି ବିଭାଗ ଅଧୀନରେ ରହିଥିବା ଛତ୍ରପୁର ସ୍ଥିତ ଜିଲା ସଂସ୍କୃତି ଭବନ ଏବଂ ବ୍ରହ୍ମପୁରରେ ରହିଥିବା ବିଜୁ ପଟ୍ଟନାୟକ ସଂସ୍କୃତି ଭବନର ମରାମତି, ଆବଶ୍ୟକୀୟ ଗୃହ ନିର୍ମାଣ ଏବଂ ଏହାର ରକ୍ଷଣା ବେକ୍ଷଣ ଦିଗରେ ପଦକ୍ଷେପ ଗ୍ରହଣ କରିବା ସକାଶେ ନିଷ୍ପତ୍ତି ହୋଇଥିଲା । ଜିଲାର ଐତିହ୍ୟ କଳା, ସଂସ୍କୃତିର ସୁରକ୍ଷା ଓ ବିକାଶ ଦିଗରେ ବ୍ରହ୍ମପୁରଠାରେ ସଂଗ୍ରହାଳୟ, ଆର୍ଟ ଗ୍ୟାଲେରୀ, ଚିତ୍ରକଳା କାରୁକାର୍ଯ୍ୟ, ଦୃଶ୍ୟ ଶ୍ରାବ୍ୟ ପ୍ରଦର୍ଶନୀ, ପ୍ରଶିକ୍ଷଣ କେନ୍ଦ୍ର, ହସ୍ତଶିଳ୍ପ, କଳା ଓ ଚାରୁକଳା ସାମଗ୍ରୀର ପ୍ରଦର୍ଶନୀ ଓ ବିକ୍ରୟ କେନ୍ଦ୍ର ଆଦି ନିର୍ମାଣ ସକାଶେ ବିଭାଗୀୟ ନିର୍ଦ୍ଦେଶ ପ୍ରକାରେ ଡିପିଆର୍ ପ୍ରସ୍ତୁତ କରିବା ନେଇ ଆଲୋଚନା ହୋଇଥିଲା । ବୈଠକରେ ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ତଥା ସଂପାଦକ ରବି ନାରାୟଣ ବେହେରା, ଜିଲା ପଞ୍ଚାୟତ ଅଧିକାରୀ ପ୍ରହ୍ଲାଦ ପ୍ରଧାନ, ଆକାଶବାଣୀ ବ୍ରହ୍ମପୁର କେନ୍ଦ୍ରର ଉଦଘୋଷକ ଅମିତା ଦାଶ, ଜାତୀୟ ଯୁବ ପୁରସ୍କାର ପ୍ରାପ୍ତ ସାମାଜିକ କର୍ମୀ ତଥା କଳା ସଂଗଠକ ଅରୁଣ ଶତପଥୀ, ବିଘ୍ନେଶ୍ୱର ସାହୁ, ଭାରତ ଲୀଳାର ବରିଷ୍ଠଗୁରୁ ରଙ୍କନିଧି ବେହେରା, ଖଲ୍ଲିକୋଟ ଚାରୁ କାରୁକଳା ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ପ୍ରତିନିଧି ବିପିନ ଚନ୍ଦ୍ର ସେଠୀ, ସଂସ୍କୃତି ବିଭାଗ କର୍ମଚାରୀ କେଶବ ବେହେରା ଓ ଚନ୍ଦ୍ର ଶେଖର ଆଚାର୍ଯ୍ୟ ଉପସ୍ଥିତ ଥିଲେ ।

## ମିନି ବ୍ୟାଙ୍କରୁ ଚୋରି ଘଟଣାରେ କର୍ମଚାରୀ ସମ୍ପୃକ୍ତ

ଖଲ୍ଲିକୋଟ,୨୧।୨(ପ୍ରଶାନ୍ତ କୁମାର ମିଶ୍ର) ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଲଙ୍ଗଳେଶ୍ୱରଠାରେ ଥିବା ଶିବରାମ ପ୍ରଧାନଙ୍କ କିଓସ୍କ ମିନି ବ୍ୟାଙ୍କରୁ ଟଙ୍କା, ଲାପଟପ, ପ୍ରିଣ୍ଟର, ରେଜିଷ୍ଟର ସିପିୟୁ, ଡିଭିଆର ଆଦି ଚୋରି ହୋଇଥିଲା। ଏ ନେଇ ଶିବରାମ ଗତ ୧୯ ତାରିଖରେ ଖଲ୍ଲିକୋଟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୫୦/୨୫ରେ ମାମଲା ରୁଜୁକରି ଭେଜିପୁଟ ଫାଣ୍ଡି ଓଆଇସି ଦେବାଶିଷ ମିଶ୍ର ପୋଲିସ ଟିମ ସହ ଆସି ତଦନ୍ତ ଆରମ୍ଭ କରିଥିଲେ। ଘଟଣାର ୨୪ ଘଣ୍ଟା ମଧ୍ୟରେ ଚୋରି ସମଗ୍ରୀକୁ ବାଲୁଗାଁର ଏକ ବନ୍ଦ ଘରୁ ପୋଲିସ ଉଦ୍ଧାର କରିଛି। ଚୋରି କରିଥିବା ବ୍ୟକ୍ତି ଜଣକ ସେହି ମିନି ବ୍ୟାଙ୍କର ଜଣେ କର୍ମଚାରୀ ଓ ସେ ଫେରାର ଥିବା ଛତ୍ରପୁର ଏସଡିପିଓ ଚନ୍ଦନ ଘଡେଇ ଭେଜିପୁଟ ଫାଣ୍ଡି ପରିସରରେ ଖବରଦାତା ସମ୍ମିଳନୀରେ ପ୍ରକାଶ କରଛନ୍ତି। ଖୁବଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି। ଉଦ୍ଧାର ସାମଗ୍ରୀ ଖଲ୍ଲିକୋଟ ପୋଲିସ ଶିବରାମଙ୍କୁ ଲଙ୍ଗଳେଶ୍ୱର ସ୍ଥିତ ମିନି ବ୍ୟାଙ୍କ ଠାରେ ହସ୍ତାନ୍ତର କରିଛି।

## ମହେନ୍ଦ୍ରଗିରିରେ ଶିବରାତ୍ରି ପାଳନ ନେଇ ସମୀକ୍ଷା କଲେ ଜିଲାପାଳ


ମହେନ୍ଦ୍ରଗିରିରେ ଜିଲାପାଳ ପ୍ରସ୍ତୁତି କାର୍ଯ୍ୟ ତଦାରଖ କରୁଛନ୍ତି।

ପାରଳାଖେମୁଣ୍ଡି,୨୧।୨(ଗିରିଧାରୀ ପରିଛା) ଗଜପତି ଜିଲା ରାୟଗଡ ବ୍ଲକ ତଥା ଗାରବନ୍ଧ ଥାନା ଅନ୍ତର୍ଗତ ମହେନ୍ଦ୍ରଗିରିରେ ୨୬ତାରିଖରୁ ଶିବରାତ୍ରି ପାଳନ ହେବ। ଏହି ଅବସରରେ ଏଠାରେ ତିନି ଦିନ ଧରି ଜାଗର ଯାତ୍ରା ହୋଇଥାଏ। ଜାଗରଯାତ୍ରାରେ ଲକ୍ଷାଧିକ ଜନସମାଗମକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଶ୍ରଦ୍ଧାଳୁଙ୍କ ଯାତାୟାତ ଲାଗି ରାସ୍ତା ମରାମତି, ସୁଲଭ ଦରରେ ପ୍ରସାଦ ବିକ୍ରି ବ୍ୟବସ୍ଥା, ପାନୀୟ ଜଳ ସୁବିଧା, ଅଲୋକୀକରଣ, ସୁରକ୍ଷା ଓ ଚିକିତ୍ସା ଆଦି ବ୍ୟବସ୍ଥା କରାଯାଇଛି। ଏହିସବୁ କାର୍ଯ୍ୟ ଅନୁଧ୍ୟାନ ପାଇଁ ଗଜପତି ଜିଲାପାଳ ବିଜୟ କୁମାର ଦାସ, ଡିଏଫଓ ଏସ. ଆନନ୍ଦ, ଉପଜିଲାପାଳ ଅନୁପ ପଣ୍ଡା, ଉପଖଣ୍ଡ ପୋଲିସ ଅଧିକାରୀ ମାଧବାନନ୍ଦ ନାୟକ ଓ ଅନ୍ୟ ଅଧିକାରୀମାନେ ମହେନ୍ଦ୍ରଗିରି ଗସ୍ତ କରି ସମସ୍ତ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ମୁଖ୍ୟତଃ ପାନୀୟ ଜଳ ଓ ୨୪ ଘଣ୍ଟା ବିଦ୍ୟୁତ୍ ଯୋଗାଣ ଲାଗି ରାୟଗଡ ବିଡିଓ, ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## 'ମାତୃଭାଷାର ମହତ୍ତ୍ୱ ଓ ଗୌରବ ସର୍ବଦା ରହିଥାଏ'

**ବିଶ୍ୱ ମାତୃଭାଷା ଦିବସ**

ବୁଗୁଡା,୨୧।୨(କାଳିଚରଣ ଦାଶ) ବୁଗୁଡା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ଶୁକ୍ରବାର ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ପରିଚାଳନା ସମିତି ସଭାପତି ପ୍ରମୋଦ ଚନ୍ଦ୍ର ସେନାପତିଙ୍କ ପୌରୋହିତ୍ୟରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପିପୁଲ୍ସ କଲେଜର ଅଧ୍ୟାପକ ସଞ୍ଜୟ ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତି କୋଷାଧ୍ୟକ୍ଷ ତ୍ରିଲୋଚନ ସାହୁ, ସଦସ୍ୟା ସୁଲୋଚନା ଡାକୁଆ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାତୃଭାଷାର ଗୌରବ ବୃଦ୍ଧି ନେଇ ମାର୍ଗଦର୍ଶନ କରିଥିଲେ। ମାଆ, ମାତୃଭୂମି ଓ ମାତୃଭାଷା ପ୍ରତି ଅବହେଳା ଆଦୌ ଗ୍ରହଣୀୟ ନୁହେଁ। ମାତୃଭାଷାକୁ ଉପେକ୍ଷା କରି କୌଣସି ଜାତି ବଡ଼ ହୋଇପାରିବ ନାହିଁ। ମାତୃଭାଷାର ମହତ୍ତ୍ୱ ଓ ଗୌରବ ସର୍ବଦା ରହିଥାଏ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ପୂର୍ବରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ଶ୍ରୁତଲିଖନ, ଶୁଦ୍ଧଲିଖନ, ଶୁଭାଷିତ, ପ୍ରାଚୀର ପତ୍ରିକା, ଆଶୁ ଭାଷଣ ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଗୁରୁମା ତେଜସ୍ୱିନୀ ମିଶ୍ର ସଂଯୋଜନା କରିଥିଲେ। ଛାତ୍ରୀ ବିଦ୍ୟାଙ୍ଗିନୀ ବେବର୍ତ୍ତା ସୂଚନା ଏବଂ ପ୍ରଧାନ ଆଚାର୍ଯ୍ୟ ଆଟଲ୍ ଲିଙ୍ଗରାଜ ଅତିଥି ପରିଚୟ ଦେଇଥିଲେ। ଡି.ଗାନ୍ଧୀ ପ୍ରଧାନ ଧନ୍ୟବାଦ ଦେଇଥିଲେ। ବିଶ୍ୱ ମାତୃଭାଷା ଦିବସରେ ଶତାଧିକ ଛାତ୍ରୀଛାତ୍ର ହାତରେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ଓଡ଼ିଆ ଭାଷାର ସୁରକ୍ଷା ଓ ସମୃଦ୍ଧି ସମ୍ପର୍କରେ ସହର ପରିକ୍ରମା କରିଥିଲେ।

## ଶ୍ରୀମା'ଙ୍କ ଜୟନ୍ତୀ

ବୁଗୁଡା,୨୧।୨(କାଳିଚରଣ ଦାଶ) ବୁଗୁଡାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶୁକ୍ରବାର ଶ୍ରୀମା'ଙ୍କ ୧୪୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ନାମ ଜପ ସହ ମାତୃ ପତାକା ଉତ୍ତୋଳନ କରାଯାଇଥିଲା। ଶିକ୍ଷାକେନ୍ଦ୍ର ସଭାପତି ୟୁ.ପୂର୍ଣ୍ଣଚନ୍ଦ୍ର ପାତ୍ର ସଭାରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ପାଢୀ, ସମ୍ମାନିତ ରୂପେ ମାତୃପ୍ରେମୀ ଟି.ସୁଦର୍ଶନ ପାତ୍ର ଯୋଗଦେଇ ଦିବ୍ୟ ଜନନୀ ଶ୍ରୀମା'ଙ୍କ ଉତ୍ସର୍ଗୀକୃତ ଜୀବନୀ ଉପରେ ଆଲୋକପାତ କରି ଶ୍ରୀମା'ଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟକ୍ଷ ହରିହର ମହାରଣା ପରିଚାଳନା କରିଥିଲେ। ପ୍ରଶାନ୍ତ ଦାଶ ଧନ୍ୟବାଦ ଦେଇଥିଲେ।

## ହ୍ୟାଣ୍ଡବଲ୍ ଟୁର୍ଣ୍ଣାମେଣ୍ଟ, ବ୍ରହ୍ମପୁର ଚାମ୍ପିୟନ


ଅତିଥିଙ୍କ ଗହଣରେ ଖେଳାଳିମାନେ।

ଆସିକା,୨୧।୨(ସୁରେନ୍ଦ୍ର ନାଥ ସାହୁ): ଆସିକା ହାଟପଦା ଟାଉନହଲ୍‌ଠାରେ ଚାଲିଥିବା ମା' କାଳୀ ହ୍ୟାଣ୍ଡବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ବ୍ରହ୍ମପୁର ଫ୍ରେଣ୍ଡସ ଟିମ୍ ସହ ହରିଡ଼ାଖଣ୍ଡି ଟିମ୍ ମଧ୍ୟରେ ହୋଇଥିବା ମ୍ୟାଚରେ ବ୍ରହ୍ମପୁର ଫ୍ରେଣ୍ଡସ ଟିମ୍ ୯/୨ ପଏଣ୍ଟରେ ବିଜୟୀ ହୋଇଛି । ଉଦଯାପନୀରେ ଆସିକା ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ, ଏନଏସି ଅଧ୍ୟକ୍ଷ ବିନେତା ସ୍ୱାଇଁ, ଜିଲା ପରିଷଦ ସଭ୍ୟ ମନୋଜ ଦୋରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଲ୍ଲିକ, କାଉନସିଲର ନିଗମ ରାଉତ, ମଦନ ନାୟକଙ୍କ ସହ ଜିତୁ ମହାରଣା, ପ୍ରତାପ ପ୍ରଧାନ, ବିମଳ ପ୍ରଧାନ, ଆକାଶ ସ୍ୱାଇଁ, ନରି ନାହାକ ଉପସ୍ଥିତ ଥିଲେ। ରେଫରି ରୂପେ ହେମକାନ୍ତ ବେହେରା ଦାୟିତ୍ୱ ତୁଲାଇଥିଲେ। ବିଜେତା ଟିମ୍‌କୁ ୧୦ ହଜାର ଟଙ୍କା ସହ ଟ୍ରଫି ଏବଂ ଉପବିଜେତା ଟିମ୍‌କୁ ୮ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା।

## ପୁନରୁଦ୍ଧାର ହେଉନି ଜଳସେଚନ ପ୍ରକଳ୍ପ

ରାଇକିଆ,୨୧।୨ (ପ୍ରଦୀପ ବେହେରା)



ରାଇକିଆ ବ୍ଲକ୍‌ର ବିଭିନ୍ନ ଜଳ ସେଚନ ପ୍ରକଳ୍ପ ଶୁଖିଲା ପଡ଼ିଛି। ଫେବୃଆରୀ ଆରମ୍ଭରୁ ବିଶେଷ କରି କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ ଗୁଡ଼ିକରେ ଜଳସ୍ତର କମିବା, କେନାଲରେ ପାଣି ନ ଆସିବା ଚାଷ କାର୍ଯ୍ୟରେ ବାଧା ସୃଷ୍ଟି କରିଛି। ଜଳାଭାବ ଯୋଗୁ ରବି ଚାଷ ଠାରୁ ଦୂରଉଛନ୍ତି ଚାଷୀ। ଚଳିତ ବର୍ଷ ରବି ଚାଷ କମିବାର ସମ୍ଭାବନା ଦେଖା ଦେଇଛି। ବାସନ୍ତୀ ସାଗର, ଗୁନ୍ଧାଣି ଜଳ ସେଚନ ପ୍ରକଳ୍ପର ଜଳସ୍ତର କମିବା ସହ କେନାଲରେ ପାଣି ନ ଆସି ପୋତି ହୋଇଗଲାଣି। ଝରଣା ଏବଂ ନାଳ ପାଣି କମିବା ଯୋଗୁଁ ବିଭିନ୍ନ ଛୋଟ ଚେକ୍ ଡ୍ୟାମ୍ ଗୁଡ଼ିକରେ ମଧ୍ୟ ପାଣି ନାହିଁ। ଏହାର ପ୍ରଭାବ ସିଧାସଳଖ ରବି ଚାଷ ଉପରେ ପଡ଼ିଛି। ଖରିଫ୍ ଶେଷ ଆଡ଼କୁ ଚାଷ କରିଥିବା କିଛି ଚାଷ ଫଳପ୍ରଦ ହୋଇଥିବା ବେଳେ ରବି ଋତୁରେ ହେଉଥିବା ବିଭିନ୍ନ ପ୍ରକାର ପନିପରିବା ଚାଷ ନଷ୍ଟ ହେବାକୁ ବସିଲାଣି। ଏ ନେଇ ରାଇକିଆ ବ୍ଲକ୍ କୃଷି ଅଧିକାରୀ ସଚିନ୍ଦ୍ର ସେଠୀ କହିଛନ୍ତି ଯେ, ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ରବି ଋତୁରେ କମ୍ ଚାଷ ହୋଇଛି। ବିଶେଷ କରି ଜଳ ସମସ୍ୟାକୁ ଦୃଷ୍ଟିରେ ରଖି ଅନେକ ଚାଷୀ କ୍ଷତି ହେବା ଆଶଙ୍କାରେ ଚାଷ କରି ନାହାନ୍ତି। କ୍ଷୁଦ୍ର ଜଳ ସେଚନ ବିଭାଗ ଯନ୍ତ୍ରୀ କହିଛନ୍ତି ଯେ, ବିଭନ୍ନ ବିଭାଗୀୟ କାରଣ ଯୋଗୁ ଚଳିତ ବର୍ଷ କୌଣସି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇ ପାରିନାହିଁ।

## ବାରମ୍ବାର ଅଚଳ ହେଉଛି ଟୟ ଟ୍ରେନ୍

**ହିଲଭିୟୁ ପାର୍କରେ ପର୍ଯ୍ୟଟକ ନିରାଶ**


ଅଚଳ ହୋଇପଡିଥିବା ଟୟ ଟ୍ରେନ।

ଦାରିଙ୍ଗବାଡ଼ି, ୨୧।୨ (ଅରୁଣ ସାହୁ) ଦାରିଙ୍ଗବାଡ଼ି ବୁଲିବା ପାଇଁ ଦୈନିକ ଶତାଧିକ ପର୍ଯ୍ୟଟକ ଆସୁଛନ୍ତି। ପର୍ଯ୍ୟଟନକ୍ଷେତ୍ରର କଫି ବଗିଚା ସମେତ କିରିକୁଟି ଲଭର୍ସ ପଏଣ୍ଟ, ମିଡିୟୁବାନ୍ଦା, ପାଟାବାନ୍ଧା ଜଳପ୍ରପାତ, ନେଚର ପାର୍କ, ହିଲଭିୟୁ ପାର୍କ, ଡୁଲୁରୀ ପାଇନବଣ ଆଦି ବୁଲିଥାଆନ୍ତି। ସବୁଠୁ ଆକର୍ଷଣୀୟ ହିଲଭିୟୁ ପାର୍କରେ ଥିବା ଜଳ ଫୁଆରା ଏବଂ ଶିଶୁ ପର୍ଯ୍ୟଟକଙ୍କ ଟୟ ଟ୍ରେନ୍। ଦିନରେ ପର୍ଯ୍ୟଟକ ହିଲଭିୟୁ ବୁଲୁଥିଲେ ମଧ୍ୟ ସନ୍ଧ୍ୟାରେ ପାର୍କ ବୁଲିବାକୁ ପସନ୍ଦ କରନ୍ତି। ହେଲେ ରକ୍ଷଣ ବେକ୍ଷଣ ଅଭାବ ଯୋଗୁ ଶିଶୁଙ୍କ ମନୋରଞ୍ଜନ ପାଇଁ ଲାଗିଥିବା ଜଳ ଫୁଆରା ପୂର୍ବଭଳି କାର୍ଯ୍ୟ କରୁନାହିଁ। ସେହିପରି ଟୟ ଟ୍ରେନ୍‌ର ମଧ୍ୟ ସମାନ ଅବସ୍ଥା। ଯେଉଁ ସଂସ୍ଥା ଏହା ପ୍ରଦାନ କରିଛି। ତା'ର ସଠିକ୍ ଭାବେ ମରାମତି କରୁ ନ ଥିବାରୁ ବାରମ୍ବାର ଅଚଳ ହୋଇ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଇପାରୁ ନାହିଁ। ଯାହାକୁ ନେଇ ନିରାଶ ହେଉଛନ୍ତି ପର୍ଯ୍ୟଟକ। ଏନେଇ ପାର୍କ ଦାୟିତ୍ୱରେ ଥିବା କର୍ମଚାରୀ ଯୁବରାଜ ଅଧିକାରୀ କହିଛନ୍ତି ଯେ, ଟୟ ଟ୍ରେନ୍‌ର କାର୍ବନ ସମସ୍ୟା ଯୋଗୁ ଏହା ଚାଲୁନାହିଁ।

## 'ବାଲିଗୁଡା ହେବ ଭୟ ମୁକ୍ତ ସହର'

ବାଲିଗୁଡା,୨୧।୨(ସଞ୍ଜୟ କୁମାର ପାଣିଗ୍ରାହୀ) କନ୍ଧମାଳ ଜିଲାର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ ରୂପେ ପରିଚିତ ବାଲିଗୁଡା ସହରରେ ଟ୍ରାଫିକ ସମସ୍ୟା ଜଟିଳ ହେବାରେ ଲାଗିଛି। ଏଥିଯୋଗୁ ବିଭିନ୍ନ ସମୟରେ ସହର ଓ ଆଖପାଖ ଅଞ୍ଚଳରେ ଅନେକ ସମସ୍ୟା ଦେଖାଦେଉଛି। ଏହା ଜନସାଧାରଣ ଓ ପ୍ରଶାସନର ମୁଣ୍ଡବ୍ୟଥାର କାରଣ ପାଲଟିଛି। ଅପରାଧିକ କାର୍ଯ୍ୟକଳାପ ମଧ୍ୟ ଘଟୁଛି। ଏ ସବୁକୁ ଦୃଷ୍ଟିରେ ରଖି ବାଲିଗୁଡା ଉପଜିଲାପାଳ ଡ.ରୀନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରାମେନ୍ଦ୍ର ପ୍ରସାଦ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ସହରର ଟ୍ରାଫିକ ସମସ୍ୟା ଦୂର କରିବାକୁ କି' ପଦକ୍ଷେପ ନିଆଯାଇପାରିବ ସେନେଇ ଆଲୋଚନା କରିଥିଲେ। ସହରର ବର୍ଦ୍ଧିତ ଜନସଂଖ୍ୟା, ଗାଡିମୋଟର ସଂଖ୍ୟା, ଚୋରି ଡକାୟତି, ରାହାଜାନି,


ବୈଠକରେ ଉପସ୍ଥିତ ଅଧିକାରୀ ।

ଛୋଟ ବଡ ଦୁର୍ଘଟଣା, ଦ୍ରୁତ ଗାଡିଚାଳନା, ପୋଲିସ ପାଟ୍ରୋଲିଂ ଓ ସହରର ଉଠା ଦୋକାନୀଙ୍କ ସମସ୍ୟା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା।

ଉପଜିଲାପାଳ ପ୍ରଧାନ କହିଥିଲେ, ସହରକୁ ସୌନ୍ଦର୍ଯ୍ୟକରଣ କରିବାକୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ସହର ମଧ୍ୟରେ ରହିଥିବା ପୋଖରୀ ନିକଟରେ ଫୁଡ କୋର୍ଟ ନିର୍ମାଣ, ବିଭିନ୍ନ ସ୍ଥାନରେ ଅତ୍ୟାଧୁନିକ ମାର୍କେଟ କମ୍ପ୍ଲେକ ପାଇଁ ଜାଗା ଚିହ୍ନଟ, ପରିବା ବଜାର, ମାଛ ମାଂସ ବଜାର, ଅଟୋ ଷ୍ଟାଣ୍ଡ କରାଯିବାକୁ ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଯାଇଛି। ତାହା ଅନୁମୋଦନ ହୋଇ ଆସିଲେ ସହରର ଉଠା ଦୋକାନୀ, ଟ୍ରାଫିକ ସମସ୍ୟା ଦୂର ହୋଇପାରିବ। ସୁରକ୍ଷା ସମ୍ପର୍କିତ ଅଭିଯୋଗର ଉତ୍ତର ଦେଇ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରସାଦ କହିଲେ, ସହର ମଧ୍ୟରେ ସବୁ ସିସିଟିଭିକୁ ସଚଳ କରାଯିବ। ଦିନ ଓ ରାତ୍ରିକାଳୀନ ପାଟ୍ରୋଲିଂକୁ କଡାକଡ଼ି କରାଯିବ। ଦୁର୍ଘଟଣା ରୋକିବା ପାଇଁ ସହରର ବିଭିନ୍ନ ସ୍ଥାନରେ ସ୍ପିଡ ବ୍ରେକର ଲଗାଯିବ। ରାତିରେ କୌଣସି ଲୋକ ସନ୍ଦେହଜନକ ଭାବେ ବୁଲୁଥିଲେ ତାଙ୍କୁ ଅଟକ ରଖି ପଚରା ଉଚରା କରାଯିବ। ପ୍ରତ୍ୟେକ ଦୋକାନ ସମ୍ମୁଖରେ ସିସିଟିଭି ଲଗାଇବା ପାଇଁ ବଣିକ ସଂଘକୁ ଅନୁରୋଧ କରାଯିବ ବୋଲି ସେ କହିଥିଲେ। ବାଲିଗୁଡାକୁ ସରସ ସୁନ୍ଦର ଓ ଭୟ ମୁକ୍ତ ସହର କରିବା ସମସ୍ତଙ୍କ ସହଯୋଗ ରହିବା ଦରକାର ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀ, ବ୍ୟାଙ୍କ ଅଧିକାରୀ, ବଣିକ ସଂଘ, ଅଟୋ ସଂଘ, କ୍ଷୁଦ୍ର ବଣିକ ସଂଘ, ଟ୍ରାକ୍ଟର ସଂଘ ଓ ବୁଦ୍ଧିଜୀବୀମାନେ ନିଜ ମତ ରଖିଥିଲେ।

## ସଂକ୍ଷେପରେ

### ଗୋପାଳପୁର-ରାୟଗଡ଼ା ରେଳପଥ ନିର୍ମାଣକୁ ମଞ୍ଜୁରୀ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେଲେ ଚନ୍ଦ୍ରଶେଖର

ବ୍ରହ୍ମପୁର,୨୧।୨(ନରସିଂହ ସାହୁ)

ଗଞ୍ଜାମ ଜିଲାର ବେଳାଭୂମି ସହର ଗୋପାଳପୁର ଠାରୁ ଦକ୍ଷିଣ ଓଡ଼ିଶାର ଶିଳ୍ପ ସହର ରାୟଗଡ଼ା ପର୍ଯ୍ୟନ୍ତ ନୂଆ ରେଳପଥ ପାଇଁ ରେଳ ମନ୍ତ୍ରଣାଳୟ ପକ୍ଷରୁ ମଞ୍ଜୁରି ମିଳିଛି। ଶୁକ୍ରବାର ରେଲୱେ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସର୍ଭେର ୧୫ ବର୍ଷ ପରେ ଅନୁମୋଦନ ହୋଇଥିବାରୁ ଏହି ପ୍ରକଳ୍ପର ଉଦ୍ୟୋକ୍ତା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ ସ୍ୱାଗତ କରିବା ସହ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ, ଚନ୍ଦ୍ରଶେଖର ପ୍ରଥମ ଉପା ସରକାରରେ ମନ୍ତ୍ରୀ ପଦ ପାଇଥିଲେ। ତତ୍‌କାଳୀନ ରେଳମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କୁ ପ୍ରଭାବିତ କରି ଦକ୍ଷିଣ ଓଡ଼ିଶାର ଅର୍ଥନୈତିକ ବିକାଶ ନିମନ୍ତେ ଏହି ରେଳପଥ ନିର୍ମାଣ ଲାଗି ଉଦ୍ୟମ କରିଥିଲେ। ଯୋଜନାର ସର୍ଭେ ପାଇଁ ସାହୁ ୨୦୦୯ ଫେବୃୟାରୀ ୨୮ରେ ବେଳାଭୂମି ପାର୍ଶ୍ୱରେ ଶିଳାନ୍ୟାସ ମଧ୍ୟ କରିଥିଲେ। ପୂର୍ବତଟ ରେଲୱେର ପଦାଧିକାରୀମାନେ ଉପସ୍ଥିତ ଥିଲେ। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସର୍ଭେ ଶେଷ ହୋଇଥିଲା। ସମ୍ପୃକ୍ତ ଘରୋଇ ସଂସ୍ଥା ସର୍ଭେ ରିପୋର୍ଟ ରେଳ ମନ୍ତ୍ରଣାଳୟରେ ଦାଖଲ କରିଥିଲା। ପରବର୍ତ୍ତି ସ୍ଥିତିରେ ବ୍ରହ୍ମପୁର ଲୋକସଭା କ୍ଷେତ୍ରରୁ ସେ ପରାସ୍ତ ହୋଇଥିଲେ। ୨୦୦୯ ଲୋକସଭା ନିର୍ବାଚନରେ ବିଜୟୀ ହୋଇଥିବା ଏମପିଙ୍କ ଅବହେଳା ଯୋଗୁ ଯୋଜନା ଅଟକି ଯାଇଥିଲା। ତଥାପି ଚନ୍ଦ୍ରଶେଖର ଉଦ୍ୟମ ଜାରି ରଖିଥିଲେ। ୨୦୧୨ ରେ ତତ୍‌କାଳୀନ କେନ୍ଦ୍ର ଯୋଜନା କମିଶନ ଓ ବର୍ତ୍ତମାନର ନୀତି ଆୟୋଗ ବ୍ୟୟ ଅଟକଳକୁ ମଞ୍ଜୁର କରିଥିଲେ। ତଥାପି ରେଳପଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନଥିଲା। ୨୦୧୯ ନିର୍ବାଚନରେ ସାହୁ ପୁଣି ବ୍ରହ୍ମପୁର ଆସନରୁ ବିଜେଡି ଏମପି ହୋଇଥିଲେ। ରାୟଗଡ଼ା-ଗୋପାଳପୁର ରେଳ ଲିଙ୍କ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେଇଥିଲେ।

### ବ୍ଲକ୍‌ସ୍ତରୀୟ ଜନ ଶୁଣାଣି ଶିବିର

ବାଲିଗୁଡା,୨୧।୨(ସଞ୍ଜୟ ପାଣିଗ୍ରାହୀ)

ବାଲିଗୁଡା ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍ ଇଜିଏସ୍ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ପ୍ରକଳ୍ପ ନିର୍ବାହୀ ଅଧିକାରୀ ନରେନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ, ବ୍ଲକ୍ ଅଧ୍ୟକ୍ଷା ମିଶାବତୀ ମଲ୍ଲିକ, ଉପାଧ୍ୟକ୍ଷା ନିକଜିନୀ ଦିଗାଳ, ବିଡିଓ ଦୀପ୍ତି ପ୍ରକାଶ ବେହେରା, ଏବିଡିଓ ପ୍ରଦୀପ ବାଘ, ଜିଲା ସାମାଜିକ ସମୀକ୍ଷକ ଦୁଃଶାସନ ସିଂ, ସହକାରୀ ଯନ୍ତ୍ରୀ ଆଶିଷ ରଞ୍ଜନ ପାତ୍ର, ରେଞ୍ଜର ଡି.ସୁବାଷ, ବ୍ଲକ ସାମାଜିକ ସମୀକ୍ଷକ ରୂପକ ପ୍ରଧାନ ସମେତ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଶ୍ରମିକ ଓ ଜନସାଧାରଣ ଯୋଗଦେଇଥିଲେ। ବ୍ଲକର ୧୪ ପଞ୍ଚାୟତରେ ଉକ୍ତ ୬ମାସ ମଧ୍ୟରେ ୧୮୮୫ ଟି ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ହାତକୁ ନିଆଯାଇଥିଲା। ସେଥିମଧ୍ୟରୁ ୧୧୯୬ ଟି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଯୋଜନାରେ ୧୩ ହଜାର ୭୬୯ ପରିବାର ଜବ କାର୍ଡ ଆବେଦନ କରିଥିବା ବେଳେ ୬ଲକ୍ଷ ୪ ହଜାର ୩୪୧ ଜଣ ଜବ କାର୍ଡ ହାତେଇଛନ୍ତି। ୧୫୩୦ ପରିବାର ୧୦୦ଦିନର କାମ କରିଛନ୍ତି।

# ୨ ବର୍ଷ ହେଲାଣି ଚାବି ମରାମତି କରିପାରୁନି ବିଭାଗ

## ସିର୍କି ଡ୍ୟାମ୍‌ରେ କମୁଛି ଜଳ, ଜଳସଙ୍କଟ ଆଶଙ୍କାରେ ସହରବାସୀ

ଜି.ଉଦୟଗିରି,୨୧।୨(ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଜି.ଉଦୟଗିରି ଅଞ୍ଚଳରେ ଅଗାମୀ ଗ୍ରୀଷ୍ମ ଋତୁରେ ଜଳ ସଙ୍କଟ ଉତ୍କଟ ହେବ। ଜି.ଉଦୟଗିରି ଏନଏସି ସହ ଆଖପାଖ ଅଞ୍ଚଳର ଜନସାଧାରଣଙ୍କୁ କ୍ଷୁଦ୍ର ଜନସ୍ୱାସ୍ଥ୍ୟ ବିଭାଗ ପ୍ରତ୍ୟେହ ସ୍ଥାନୀୟ ସିର୍କି ଡ୍ୟାମ୍‌ରୁ ଜଳଯୋଗାଣ କରେ। ଗତବର୍ଷ ନିଅଣ୍ଟିଆ ବର୍ଷା ହେତୁ ଡ୍ୟାମ୍‌ରେ ବହୁତ କମ୍ ପାଣି ଜମା ହୋଇଥିଲା। ସ୍ଥାନୀୟ କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଥିବା ସିର୍କି ଡ୍ୟାମ୍‌ର ରକ୍ଷଣାବେକ୍ଷଣ କ୍ଷୁଦ୍ର ଜଳସେଚନ ବିଭାଗ ନେଇଛି। ଡ୍ୟାମରୁ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କୁ ଚାଷ ପାଇଁ କେନାଲ ଦ୍ୱାରା ଚାଷ ଜମିକୁ ଜଳସେଚନ କରାଯାଏ। ଚାଷଜମିକୁ ପାଣି ଛଡାହେବା ନେଇ ଥିବା ଲୁହା ଗେଟ୍ ଚାବି ଦ୍ୱାରା ବନ୍ଦ ହୁଏ ଏବଂ ଖୋଲେ। ଏହି ଗେଟ୍‌ର ଚାବି ୨ ବର୍ଷ ହେଲା ଭାଙ୍ଗି ଯାଇଛି। ଏନେଇ ବିଭାଗୀୟ


ସିର୍କି ଡ୍ୟାମ

ଅଧିକାରୀଙ୍କ ସହ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଉକ୍ତ ସମସ୍ୟା ଅଞ୍ଚଳବାସୀ କରାଇଥିଲେ ମଧ୍ୟ ଏଯାଏ କୌଣସି ସୁଫଳ ମିଳିନାହିଁ। ଫଳରେ ଡ୍ୟାମ୍‌ରେ ସଞ୍ଚିତ ପାଣି ଅନବରତ ବୋହି ଚାଲିଛି। ଫଳରେ ଏବେ ଡ୍ୟାମ୍ ପାଣି ଖାଲି ହେବାକୁ ଗଲାଣି। ଚଳିତ ବର୍ଷ ଗ୍ରୀଷ୍ମ ଋତୁରେ ଡ୍ୟାମ୍‌ରେ ପାଣି ଅଭାବରୁ ଜଳଯୋଗାଣରେ ସଙ୍କଟ ଦେଖାଦେବ ବୋଲି ଜଳଯୋଗାଣ ବିଭାଗ ଏବେଠାରୁ ସୂଚନଦେଲାଣି। ଜଳ ସଞ୍ଚୟ ପାଇଁ ସରକାର ବିଭିନ୍ନ ଯୋଜନା କରି ଅର୍ଥ ଖର୍ଚ୍ଚ କରୁଛନ୍ତି। କନ୍ଧମାଳ ଜିଲା ପ୍ରଶାସନ ଏପରି ସମସ୍ୟା ସମ୍ପର୍କରେ ଅବଗତ ଥିଲେ ମଧ ନୀରବ ରହିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଭାଙ୍ଗିଥିବା ଗେଟ୍ ଚାବି ମରାମତି କରିଥିଲେ ଆଗକୁ ସୃଷ୍ଟି ହେବାକୁ ଯାଉଥିବା ସଙ୍କଟ ଦେଖାଯାଇ ନ ଥାନ୍ତା। ପ୍ରଶାସନିକ ଅଧିକାରୀମାନେ ସବୁ ଜାଣି ନୀରବ ରହି ସହରବାସୀଙ୍କୁ ଜଳସଙ୍କଟ ଭିତରକୁ ଠେଲି ଦେଉଛନ୍ତି ବୋଲି ଲୋକେ କହିଛନ୍ତି। ଜଳସଙ୍କଟ ଏଡାଇବା ଲାଗି ଏବେଠାରୁ ପଦକ୍ଷେପ ନେଇ ବ୍ୟବସ୍ଥା ନ କଲେ ସେତେବେଳେ ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ଜିଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀ ଦାୟୀ ରହିବେ ବୋଲି ଜନ ସାଧାରଣ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ କନ୍ଧମାଳ ଜିଲାପାଳ ଅମୃତ ଋତୁରାଜଙ୍କୁ ପଚାରିବାକୁ ତାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଜିଲାପାଳଙ୍କ ମୋବାଇଲ ଫୋନ ସ୍ୱୀଚ୍‌ଅଫ୍ ଥିବାରୁ କୌଣସି ମତାମତ ସଂଗ୍ରହ କରାଯାଇପରି ନ ଥିଲା।

# ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଅର୍ଥ ଆତ୍ମସାତ୍ ସନ୍ଦେହ


ବୈଠକରେ ଉପସ୍ଥିତ ଅଧିକାରୀ।.

ଭଞ୍ଜନଗର,୨୧।୨(ବାବୁଲା ପ୍ରଧାନ)

ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ପଞ୍ଚଦଶ ଅର୍ଥ କମିଶନ ଏବଂ ସମଗ୍ର ଶିକ୍ଷାର ଭଞ୍ଜନଗର ବ୍ଲକ ସ୍ତରୀୟ ଜନ ଶୁଣାଣି ଶିବିର ଶୁକ୍ରବାର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଗତ ଦିନରେ ହୋଇଥିବା ବିଭିନ୍ନ ପ୍ରକଳ୍ପ ଉପରେ ସମୀକ୍ଷା ହୋଇଥିଲା। ବ୍ଲକ ସାମାଜିକ ସମୀକ୍ଷକ (ବିଏସ୍‌ଏ) ସରୋଜ କୁମାର ପରିଚ୍ଛା ୬ଟି ପଞ୍ଚାୟତରେ କରିଥିବା ଅଡ଼ିଟ୍ ରିପୋର୍ଟ ପଠନ କରିଥିଲେ। ଏହି ସମୟରେ ସେ କହିଥିଲେ ଯେ କୁଲାଡ଼ ପଞ୍ଚାୟତରେ କୁଲାଡ଼ ପାନ୍ଥଶାଳାଠାରୁ ବାରିବନ୍ଧ ପର୍ଯ୍ୟନ୍ତ ଏକ କେନାଲ କାମ ହୋଇ ତାହାର ଟଙ୍କା ଉଠାଯାଇଛି। କିନ୍ତୁ ଅଡ଼ିଟ୍ ସମୟରେ କେନାଲ କେଉଁଠି ମରାମତି ହୋଇଛି ତାହା ଦେଖାଯାଇନାହିଁ। ସେହିପରି ବାରୁଡ଼ା ପଞ୍ଚାୟତରେ ଏକ ପ୍ରକଳ୍ପ ପାଇଁ ୧ଲକ୍ଷ ୨୧ ହଜାର ୩୦୭ ଟଙ୍କା ଉଠାଯାଇଛି। ତାହାର ମଧ୍ୟ କିଛି ତଥ୍ୟ ମିଳୁନାହିଁ। ମୁଦୁଲିପଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଭାଲିଆଖାଇ ପର୍ଯ୍ୟନ୍ତ ୭୫୦ ଗଛ ଲଗାହୋଇଛି। କିନ୍ତୁ ଅଡ଼ିଟ୍ ସମୟରେ ମାତ୍ର ୧୦ଟି ଗଛ ଦେଖିବାକୁ ମିଳିଛି। ବଳକା ଗଛର ହିସାବ ନାହିଁ। ଟଙ୍କା କିନ୍ତୁ ଉଠିଯାଇଛି। କୁଲାଡ଼, ଲାଲସିଂ, ମୁଜାଗଡ଼ ପଚାଂୟତର ଅଡ଼ିଟ୍ କରିବାକୁ ଯିବା ସମୟରେ ପଞ୍ଚାୟତ ଅଧିକାରୀମାନେ କ୍ୟାସ୍ ରେକର୍ଡ଼ ଦେଖାଇନାହାନ୍ତି। ୫୨ ହଜାର ଟଙ୍କାରେ ଏକ ଲାପଟପ୍ କିଣାଯାଇଛି । କିନ୍ତୁ ତାହାର ବିଲ୍ ଭାଉଚର ନାହିଁ । ଏହିଭଳି ଅନେକ ଅବ୍ୟବସ୍ଥା ସମ୍ପର୍କରେ ବିଏସ୍‌ଏ ବୈଠକରେ କହିଥିଲେ। ଯାହାକୁ ନେଇ କିଛି ଅଧିକାରୀ ଏକ ପ୍ରକାର ଅପ୍ରିତିକର ପରିସ୍ଥିତିର ସମ୍ମୁଖିନ ହୋଇଥିଲେ। ଟଙ୍କା ଉଠିଛି ପ୍ରକଳ୍ପ ନାହିଁ ଅଭିଯୋଗକୁ କେତେଜଣ ଅଧିକାରୀ କହିଥିଲେ ଯେ କର୍ମଚାରୀ ବଦଳି ଯୋଗୁ ଏହି ସମସ୍ୟା ଦେଖାଦେଇଛି। ଆଗାମୀ ଦିନରେ ଏହି ସମସ୍ୟା ଗୁଡ଼ିକର ସମାଧାନ କରିବା ପାଇଁ ଉପସ୍ଥିତ ଅଧିକାରୀମାନେ ତଳିଆ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ଉପ ଜିଲାପାଳ ଉମା ଶଙ୍କର ବେହେରା ଆଲୋଚନାରେ ଭାଗ ନେଇ କହିଥିଲେ, ଯାହା ସବୁ ଅଭିଯୋଗ ଆସିଛି ତାହାର ସମୀକ୍ଷା କରାଯାଉ। ଯେଉଁଠି ପୁର୍ବତନ କର୍ମଚାରୀ ମାନେ ନୂତନ କର୍ମଚାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରିନାହାନ୍ତି ସେମାନେ ଏକ ସପ୍ତାହ ମଧ୍ୟରେ ଦାୟିତ୍ୱ ହସ୍ତାନ୍ତର କରିବେ। ଯଦି ଏଥିରେ କୈଣସି କର୍ମଚାରୀ ଅବହେଳା କରନ୍ତି ତେବେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପ ଜିଲାପାଳ କହିଥିଲେ। ଏଥିସହ ସେ ଭଞ୍ଜନଗର ବ୍ଲକକୁ ରାଜ୍ୟର ଏକ ନମ୍ବର ବ୍ଲକ ଭାବେ ଗଢ଼ିତୋଳିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ ଅଧ୍ୟକ୍ଷତା କରିଥିଲେ। ବିଡ଼ିଓ ପୁର୍ଣ୍ଣଚନ୍ଦ୍ର ପାଢ଼ୀ ପ୍ରାରମ୍ଭିକ ସୁଚନା ଦେଇଥିଲେ। ଆଲୋଚନାରେ ଡ଼ିଏସ୍‌ଏ ଡ଼.ରବିନ୍ଦ୍ର ନାଥ ମାଲାଣ, ବିଆରପି, ଯନ୍ତ୍ରୀ, ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# କଡ଼ା ସୁରକ୍ଷାରେ ସରିଲା ପ୍ରଥମ ଦିନର ପରୀକ୍ଷା

ପାରଳାଖେମୁଣ୍ଡି/ମୋହନା/ଆର. ଉଦୟଗିରି ୨୧।୨(ଗିରିଧାରୀ ପରିଚ୍ଛା/ମନ୍ମଥ ମିଶ୍ର/ ମନୋଜ ପାଢ଼ୀ)

ଶୁକ୍ରବାରଠାରୁ ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷା। ଏଥିପାଇଁ ଗଜପତି ଜିଲାରେ ଥିବା ସମସ୍ତ ପରୀକ୍ଷା କେନ୍ଦ୍ରରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପରୀକ୍ଷାର୍ଥୀମାନେ ନିଜ ନିଜ ପରୀକ୍ଷା କେନ୍ଦ୍ରରେ ସକାଳ ସାଢେ ୭ଟାରେ ପ୍ରବେଶ କରିଥିଲେ। ପରୀକ୍ଷା ଦେଇ ଫେରିବା ସମୟରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଭଲ ହୋଇଥିବାରୁ ଖୁସିଥିବା ଲକ୍ଷ୍ୟ କରାଯାଇଥିଲା। ସମସ୍ତ କେନ୍ଦ୍ରରେ ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ହୋଇଛି। ସବୁ କେନ୍ଦ୍ରରେ ସିସିଟିଭି କ୍ୟାମେରା ଓ ଏଆଇ କ୍ୟାମେରା ଲାଗିଛି। ପ୍ରଥମ ଦିନ ଏମ୍‌ଆଇଏଲ୍ (ସାହିତ୍ୟ) ପରୀକ୍ଷା ଥିଲା। ଜିଲାରେ ମୋଟ ୩୯ ପରୀକ୍ଷା କେନ୍ଦ୍ରରେ ୭୯୨୮ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଥିବା ବେଳେ ସେଥିରୁ ୧୪୮ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ଥିଲେ। ଜିଲାରେ ମୋହନା, ଆର. ଉଦୟଗିରି,ରାୟଗଡ ଓ ପାରଳାଖେମୁଣ୍ଡି ଏହି ୪ଟି ସ୍ଥାନରେ ପ୍ରଶ୍ନପତ୍ର ପାଇଁ ହବ


ପାରଳାଖେମୁଣ୍ଡିର ଏକ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବାକୁ କେନ୍ଦ୍ର ଭିତରକୁ ଯିବାକୁ ଅପେକ୍ଷା କରିଥିବା ଛାତ୍ରୀଛାତ୍ରମାନେ।

ସେଣ୍ଟର ହୋଇଥିବା ଜିଲା ଶିକ୍ଷାଧିକାରୀ ମାୟାଧର ସାହୁ କହିଛନ୍ତି। ମୋହନା ବ୍ଲକର ୧୧ଟି ପରୀକ୍ଷା କେନ୍ଦ୍ରରେ ପ୍ରଥମ ଦିନର ମାଟ୍ରିକ ପରୀକ୍ଷା ଶେଷ ହୋଇଛି। ୨୩୦୪ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଥିବା ବେଳେ ୨୨୮୫ ଜଣ ପରୀକ୍ଷା ଦେଇଛନ୍ତି। ୧୯ ଜଣ କୌଣସି କାରଣରୁ ଅନୁପସ୍ଥିତ ଥିଲେ ବୋଲି ମୋହନା ବିଇଓ ନରେନ୍ଦ୍ର ବେହେରା କହିଛନ୍ତି। ଯେଉଁ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଇପାରିନାହାନ୍ତି ଆମେ ସେମାନଙ୍କ ପାଖକୁ ଯାଇ କାରଣ ବୁଝିବା ପରେ ଏହାର ତର୍ଜମା କରାଯିବ। ତେବେ ପ୍ରଥମ ଦିନର ପରୀକ୍ଷା ଭଲ ହୋଇଥିବାରୁ ଅନ୍ୟ ଦିନଗଡିକର ପରୀକ୍ଷା ସେପରି ହେବ ବୋଲି ଛାତ୍ରୀଛାତ୍ରମାନେ ଆଶା ରଖିଛନ୍ତି। ଆର. ଉଦୟଗିରି ବ୍ଲକର ୫ଟି ପରୀକ୍ଷା କେନ୍ଦ୍ରରେ ମାତୃଭାଷା ପରୀକ୍ଷା ଶେଷ ହୋଇଛି। ଆର.ଉଦୟଗିରି କେନ୍ଦ୍ରରେ ୨୬୪ ରୁ ୨୫୨,ଛେଲିଗଡ଼ କେନ୍ଦ୍ରରେ ୨୪୩ରୁ ୨୩୭,ରାମଗିରି କେନ୍ଦ୍ରରେ ୨୧୧ରୁ ୨୦୭, ଭାଲିଆସାହି କେନ୍ଦ୍ରରେ ୨୮୮ରୁ ୨୮୧, ମହେନ୍ଦ୍ରଗଡ଼ କେନ୍ଦ୍ରରେ ୨୩୦ରୁ ୨୧୮ ପରୀର୍ଥୀ ପରୀକ୍ଷା ଦେଇଥିଲେ। ଏହି ୫ଟି କେନ୍ଦ୍ରରେ ୧୨୩୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧୯୫ ପରୀକ୍ଷା ଦେଇଥିବା ଜଣାପଡିଛି।

# ବିରଳ ମୁଦ୍ରା ସଂଗ୍ରାହକ ବ୍ରହ୍ମାନନ୍ଦ

କବିସୂର୍ଯ୍ୟନଗର,୨୧।୨(କୃପାସିନ୍ଧୁ ସ୍ୱାଇଁ):

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଦେଶୀବେହେରା ସାହିର ଏ. ବ୍ରହ୍ମାନନ୍ଦ ଆଚାରୀ । ସାମାଜିକ କୁସଂସ୍କାର, ପ୍ରଥା ବିରୋଧରେ ବହୁ ଜନ ଜାଗରଣର ସାରଥୀ ସାଜଛନ୍ତି ସେ । ସାଇକେଲ, ସଚେତନତା ପ୍ଲାକାର୍ଡ ଧରି ଗାଁ ଗାଁ ବୁଲି ଲୋକଙ୍କୁ ବିଭିନ୍ନ ପଇସା, ଅଚଳନ୍ତି ପଇସା ପଛରେ ନ ପଡି ବାସ୍ତବତାକୁ ଗ୍ରହଣ କରିବାକୁ ନିବେଦନ କରୁଛନ୍ତି। ଅନ୍ୟପକ୍ଷରେ ସେ ନିଜ ପ୍ରଚେଷ୍ଟାରେ ବହୁ ବିଦେଶୀ ମୁଦ୍ରା ସହ ଆମ ଦେଶର ଲୁପ୍ତ ପ୍ରାୟ ମୁଦ୍ରା ସଂଗ୍ରହ କରି ରେକର୍ଡ ସୃଷ୍ଟି କରିବାର ପ୍ରୟାସ ଜାରି ରଖିଛନ୍ତି। ଏପରକି ସ୍ୱାଧୀନତା ପରର ବହୁ ବିରଳ, ଦୁଷ୍ପ୍ରାପ୍ୟ ମୁଦ୍ରା, ନୋଟ ଓ କଉଡ଼ିଠାରୁ ଆରମ୍ଭ



କରି ଅଣା, ଅଧୁଲି,ଏକ ପଇସି, ଦୁଇ ପଇସି, ତିନି ପଇସି, ପାଞ୍ଚ ପଇସି, ଦଶ ପଇସି, କୋଡିଏ ପଇସି, ପଚିଶି ପଇସି ଆଦି ବହୁ ଅଚଳ ପଇସା ସାଇତି ରଖି ବିଦ୍ୟାର୍ଥୀଙ୍କୁ ଜ୍ଞାନ ବାଣ୍ଟନ୍ତି। ଭୁବନେଶ୍ୱର ସଂଗ୍ରହାଳୟରେ ମୁଦ୍ରା ବ୍ୟତୀତ ବହୁ ବିରଳ ଡାକ ଟିକଟ, ତାଳପତ୍ର ପୋଥି ଓ ବହୁ ଦୁର୍ଲଭ ଜିନିଷ ଦେଖିବାକୁ ମିଳେ । ଯେଉଁମାନେ ଭୁବନେଶ୍ୱର ନ ଯାଇ ପାରନ୍ତି ଏଠାରେ ବିରଳ ମୁଦ୍ରା ଦେଖିବାର ସୁଯୋଗ ପାଇଥାନ୍ତି । ଏବେ ସେ ମୋବାଇଲ ଫୋନର ସଦ ବିନିଯୋଗ, କୁସଂସ୍କାର ବର୍ଜନ, ଅନ୍ଧବିଶ୍ୱାସ ଠାରୁ ଦୂରେଇ ରହିବା ଓ ପରିବେଶର ସୁରକ୍ଷା ଆଦି ବିଷୟରେ ସଚେତନତା ବାର୍ତ୍ତା ପ୍ରଚାର କରୁଛନ୍ତି।

### ଲକ୍ଷ୍ମୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଶେରଗଡ଼,୨୧।୨(ସୂର୍ଯ୍ୟ ନାରାୟଣଦାଶ)

ଶେରଗଡ଼ ବ୍ଲକ ଲକ୍ଷ୍ମୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଦିଗପହଣ୍ଡି ବିଇଓ କୁରେଶୁ ସେଠୀ, ଅନ୍ୟତମ ଅତିଥି ଭାବେ ଶେରଗଡ଼ ଏବିଇଓ ଦିବାକର ଗମାଙ୍ଗ, ସିଆରସିସି ପ୍ରସନ୍ନ କୁମାର ସାବତ, ଅଲାରିଗଡ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ମିହିର ଜେନା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭଲ ପାଠ ପଢିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସୁମତି ଦାଶ ସଂଯୋଜନା କରିଥିଲେ। ଛାତ୍ରୀଛାତ୍ରମାନେ ଅତିଥି ମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର,୨୧।୨(ସ୍ମୃତି ରଞ୍ଜନ ମହାଲିକ)

ଗଜପତି ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶୁକ୍ରବାର ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ସଭାପତି ସୂର୍ଯ୍ୟକାନ୍ତ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟର ଉପସଭାପତି ନରେଶ ଚନ୍ଦ୍ର ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଭାଷା ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରଧାନାଚାର୍ଯ୍ୟ ଶରତ ଚନ୍ଦ୍ର ମୁନୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। କୋଷାଧ୍ୟକ୍ଷ କବିରାଜ ସାହୁ ମଞ୍ଚାସୀନ ଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଆଚାର୍ଯ୍ୟ ଡି ରାମାରାଓ ଧନ୍ୟବାଦ ଦେଇଥିଲେ ।

### ବେଲଗୁଣ୍ଠା ବ୍ଲକ ଅଧ୍ୟକ୍ଷ ଉପନିର୍ବାଚନ ଫଳାଫଳ ଘୋଷଣା ଦାବି

ଭଞ୍ଜନଗର,୨୧।୨ (ବାବୁଲା ପ୍ରଧାନ): ବେଲଗୁଣ୍ଠା ବ୍ଲକ ଅଧ୍ୟକ୍ଷ ପଦବୀ ପାଇଁ ଗତ ୩୦ ତାରିଖରେ ଉପନିର୍ବାଚନ ହୋଇଥିଲା। କିନ୍ତୁ ମାମଲା କୋର୍ଟରେ ଥିବା ଯୋଗୁ ଫଳାଫଳ ଘୋଷଣା ହୋଇନଥିଲା। ବର୍ତ୍ତମାନ ଅଧ୍ୟକ୍ଷା ଦାୟିତ୍ୱରେ ଥିବା ପ୍ରମିଳା ପ୍ରଧାନଙ୍କ ଏକ ରିଟ ପିଟିଶନ ଉପରେ ଓଡିଶା ହାଇକୋର୍ଟ ବିଚାର କରି ଫଳାଫଳ ଘୋଷଣା ସ୍ଥଗିତ ରଖିବା ସହ ପରବର୍ତ୍ତୀ ଶୁଣାଣି ଫେବୃୟାରୀ ୧୩ ତାରିଖକୁ ଧାର୍ଯ୍ୟ କରିଥିଲେ। ପରେ ଉପନିର୍ବାଚନ ଫଳାଫଳ ତୁରନ୍ତ ଘୋଷଣା କରିବା ନେଇ ପ୍ରତିପକ୍ଷ ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏଭଳି ସ୍ଥିତିରେ ଶୁକ୍ରବାର ସୋରଡାର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରାଙ୍କୁ ଭେଟି ଶୀଘ୍ର ଫଳାଫଳ ଘୋଷଣା କରିବା ପାଇଁ ଦାବି କରିଛନ୍ତି। ସୁଚନାଯୋଗ୍ୟ, ପ୍ରଶାନ୍ତ କୁମାର ନାୟକ ଧୁମୁଛାଇ ପଞ୍ଚାୟତରୁ ସମିତିସଭ୍ୟ ନିର୍ବାଚିତ ହୋଇ ବେଲଗୁଣ୍ଠା ବ୍ଲକ ଅଧ୍ୟକ୍ଷ ହୋଇଥିଲେ। ଗତ ବର୍ଷ ସେପ୍ଟେମ୍ବର ୫ ତାରିଖରେ ତାଙ୍କର ଅକାଳ ବିୟୋଗ ଘଟିଥିଲା। ଉପାଧ୍ୟକ୍ଷା ପ୍ରମିଳା ପ୍ରଧାନ ଅଧ୍ୟକ୍ଷା ଭାବେ ଦାୟିତ୍ୱ ତୁଲାଉଥିଲେ। ବିଜେଡି ଓ ଭାଜପା ମଧ୍ୟରେ ବଳ କଷାକଷି ହୋଇଥିବା ବେଳେ ଫଳାଫଳକୁ ବ୍ଲକବାସୀ ଅପେକ୍ଷା କରି ରହିଛନ୍ତି।

# କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ରୀ ଆତ୍ମହତ୍ୟା ଘଟଣା: ଏବିଭିପିର ବିକ୍ଷୋଭ

ବ୍ରହ୍ମପୁର, ୨୧।୨(ସୁବାସ ଚନ୍ଦ୍ର ପାଢ଼ୀ)

ଭୁବନେଶ୍ୱରସ୍ଥିତ କିଟ ବିଶ୍ୱବିଦ୍ୟାଳୟର ହଷ୍ଟେଲ ରୁମ୍‌ରେ ଗତ ରବିବାର ୨୦ବର୍ଷୀୟ ନେପାଳୀ ଛାତ୍ରୀ ପ୍ରକୃତି ଲାମ୍ସଲ ଆତ୍ମହତ୍ୟା କରିଥିଲେ। ଏହାକୁ ନେଇ ନେପାଳୀ ଛାତ୍ରମାନେ ବିରୋଧ କରିବା ପରେ ସେମାନଙ୍କୁ ମାଡ଼ମାରି ବିଶ୍ୱବିଦ୍ୟାଳୟ ପରିସରରୁ ବାହାର କରିଦିଆଯିବା ସହ ନିକଟସ୍ଥ ରେଳ ଷ୍ଟେସନ ଠାରେ ଛାଡ଼ିବା ଘଟଣାକୁ ନେଇ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ନିନ୍ଦା କରିଛି। ଏନେଇ ସାରା ରାଜ୍ୟରେ ଏବିଭିପି ବିକ୍ଷୋଭପ୍ରଦର୍ଶନ କରୁଛି। ଏହି ପରିପ୍ରେକ୍ଷୀରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପରିସରରେରେ ଏବିଭିପି ପକ୍ଷରୁ ବିକ୍ଷୋଭ କରାଯାଇଛି। ଏବିଭିପି ପକ୍ଷରୁ କୁହାଯାଇଛି ଯେ, କିଟ ବିଶ୍ୱବିଦ୍ୟାଳୟର ୨ ମହିଳା କର୍ତ୍ତୃପକ୍ଷ ନେପାଳର ଅର୍ଥନୀତି ଉପରେ ଯେଉଁ ଅଙ୍ଗୁଳି ଉଠାଇଛନ୍ତି ଏହା ନିନ୍ଦନୀୟ। ଏଭଳି ହୀନ ମାନସିକତା ରଖୁଥିବା



ଏବିଭିପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

କର୍ତ୍ତୃପକ୍ଷଙ୍କୁ ଶିକ୍ଷା ସମାଜ ଠାରୁ ଦୂରରେ ରଖିବା ପାଇଁ ବିଦ୍ୟାର୍ଥି ପରିଷଦ ଆହ୍ୱାନ ଦେବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଫାଟକ ସମ୍ମୁଖରେ କିଟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ କୁଶ ପୁତଳିକା ଦାହକରାଯାଇଛି। ଘଟଣାର ନିରପେକ୍ଷ ତଦନ୍ତକରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଛାତ୍ରୀଙ୍କ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ସେମାନେ ଦାବି କରିଛନ୍ତି। ଏଥିରେ ଏବିଭିପିର ରାଜ୍ୟ ସୋସିଆଲ ମିଡିଆ ସଂଯୋଜକ ସୁନୀଲ ଦୋରା, ବ୍ରହ୍ମପୁର ନଗର ବିସ୍ତାରକ ଅଧୀର ରଞ୍ଜନ ସ୍ୱାଇଁସ୍, ପୂର୍ବତନ ରାଜ୍ୟ ସହ ସମ୍ପାଦକ ସ୍ୱାଗତ ତ୍ରିପାଠୀ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ଗଣେଶ ନାୟକ, ସୀତାରାମ ବେହେରା, କାଳୁ ଚରଣ ସାହୁ, ଚିତ୍ତ ରଞ୍ଜନ ମହାନ୍ତି, ରାଜା କୁମାର, ପ୍ରସାଦ ବିଶୋଇ, ବାଇ ସେଠୀଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ସାମିଲ ଥିଲେ।


यूनियन बैंक ऑफ इंडिया Union Bank of India

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
୧ମ ମହଲା, କେ କେ ଭାଓ୍ୱାସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, କଟକ-୭୫୩୦୦୧

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

**ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)**

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବଡହାଟ କେନ୍ଦ୍ରାପଡା ଶାଖା,** କାକଟ ଛକ, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା (ଶାଖା ଠିକଣା)ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଦ୍ୱିତୀୟ) ଆକ୍ଟ, ୨୦୦୨ **(୨୦୦୨ର ଆକ୍ଟ ୫୪)** ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାରଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବଡହାଟ କେନ୍ଦ୍ରାପଡା ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା **୧୩ର** ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।

| ଶାଖା/ ଋଣଗ୍ରହୀତା / ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ବଡହାଟ କେନ୍ଦ୍ରାପଡା ଶାଖା/ ଋଣଗ୍ରହୀତାମାନେ: ୧) ଶ୍ରୀମତୀ ରୁକ୍ମଣୀ ବଳ, ସ୍ୱାମୀ: ରାଜ କିଶୋର ବଳ, ସା.: ତରାଣ୍ଡୋ, ପୋ.: ବାରୋ, ଜିଲ୍ଲା: କେନ୍ଦ୍ରାପଡା, ପିନ୍-୭୫୪୨୫୧, ଓଡ଼ିଶା, ଇଣ୍ଡିଆ, ୨) ଶ୍ରୀ ରାଜ କିଶୋର ବଳ, ସା.: ବଡପାଲ୍ଲି, ଭାୟା: ଆଭକୈଲପୁର, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, ପିନ୍-୭୫୪୨୧୭ / ଜାମିନଦାର: ଶ୍ରୀ କୁଞ୍ଜ ବିହାରୀ ପଣ୍ଡା, ପିତା: ଜେନାମଣୀ ପଣ୍ଡା, ସା.: ତରାଣ୍ଡୋ, ବାରୋ, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା-୭୫୪୨୫୧ | ୩୧.୧୦.୨୦୨୪ ସୁଦ୍ଧା ଟ.୪,୩୨,୭୩୮.୭୧ + ସେବାବଦ ସୁଧ | ୧୮.୧୧.୨୦୨୪ / ୧୭.୦୨.୨୦୨୫ | ଶ୍ରୀମତୀ ରୁକ୍ମଣୀ ବଳଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୬୫/୩୦୧୪, ରେଭିନ୍ୟୁ ଖାତା ନଂ.: ୭୦୫/୧୪୩, ମୌଜା: ତରାଣ୍ଡୋ, ଥାନା: ନିକିରାଇ ଏବଂ ନଂ.: ୭୨, ତହସିଲ: କେନ୍ଦ୍ରାପଡା, ଥାନା ନଂ.: ୧୮୦, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, କ୍ଷେତ୍ର: ଏକର୦.୦୫୦ ଡିସିମିଲି, ଏହାର ଚତୁଃପାର୍ଶ୍ୱରେ ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୧୬୪, ପୂର୍ବ: ପ୍ଲଟ୍ ନଂ.: ୧୬ର ଅବଶିଷ୍ଟ, ପଶ୍ଚିମ: ପ୍ଲଟ୍ ନଂ.: ୧୬୬ |

ତାରିଖ: ୨୧.୦୨.୨୦୨୫
ସ୍ଥାନ: କଟକ

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

